To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ
THE SAKALA
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

R.N.I. No.-42041/83 Vol-16, Issue No.84, ଭଦ୍ରକ, ବୁଧବାର, ୧୯, ସେପ୍ଟେମ୍ବର ୨୦୧୮ ■ Bhadrak, Wednesday, 19 September 2018 Rs. 2.00 Pages-8

### ୯୧ ବର୍ଷ ବୟସରେ ଭାରତର ପ୍ରଥମ ମହିଳା ଆଇଏଏସ୍‌ଙ୍କ ପରଲୋକ



# ହେଲିକପ୍ଟରକୁ ନେଇ ହୋ ହାଲ୍ଲା




- ■ ଶୂନ୍ୟକାଳରେ ଉଠିଲା ବୈଜୟନ୍ତଙ୍କ ହେଲିକ୍ୟାପ୍ଟର ଉଡାଣ ପ୍ରସଙ୍ଗ
- ■ ଚାରା ଓ ସମବାୟ ଦୁର୍ନୀତିର ସିବିଆଇ ତଦନ୍ତ ଦାବିରେ ବିରୋଧୀଙ୍କ ହଟ୍ଟଗୋଳ
- ■ ଗାନ୍ଧିମୂର୍ତ୍ତି ତଳେ ଧାରଣା ଦେଲେ ବିଜେଡି ବିଧାୟକ

ଭୁବନେଶ୍ୱର, ୧୮।୯ (ସକାଳ ଖବର): ପଞ୍ଚଦଶ ବିଧାନସଭା ତ୍ରୟୋଦଶ ଅଧିବେଶନର ନବମ କାର୍ଯ୍ୟ ଦିବସରେ ମଙ୍ଗଳବାର ଗୃହରେ ଉଭୟ କଂଗ୍ରେସ ଓ ବିଜେପିର ବିରୋଧୀ ଦଳ ସଭ୍ୟମାନେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ହଟ୍ଟଗୋଳ ସୃଷ୍ଟି କରିବା ଫଳରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ସମ୍ପାଦିତ ହୋଇପାରିନଥିଲା। ତେବେ ପରମ୍ପରା ଅନୁଯାୟୀ ସମ୍ପୃକ୍ତ ବିଭାଗୀୟ ମନ୍ତ୍ରୀମାନେ ନିଜ ନିଜ ବିଭାଗର ଲିଖିତ ତାରକାଚିହ୍ନିତ ପ୍ରଶ୍ନର ଉତର ଗୃହରେ ଉପସ୍ଥାପନ କରିଥିଲେ। ହଟ୍ଟଗୋଳ ଯୋଗୁଁ ଗୃହରେ ଦେଖାଦେଇଥିବା ଅଚଳାବସ୍ଥାକୁ ଏଡାଇବା ପାଇଁ ଗୃହକୁ ୧୦ଟା ୩୦ ମିନିଟ ରୁ ୧୧ ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ । ଅନ୍ୟପକ୍ଷରେ ମୁଲତବୀ ପ୍ରସ୍ତାବ ଆଲୋଚନାରେ ମନ୍ତ୍ରୀ ଦେଇଥିବା ଉତରରେ ଅସନ୍ତୋଷ ପ୍ରକାଶ କରି ବିଜେପି ଓ କଂଗ୍ରେସ ସଭ୍ୟମାନେ କକ୍ଷତ୍ୟାଗ କରିବା , ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତିରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ସଂକଳ୍ପ ଓ ଆଇନ ପ୍ରଣୟନ ପାଇଁ ସଂଶୋଧନ ବିଲ୍ ଆଗତ କରିବା ଆଜିର ଉଲ୍ଲେଖନୀୟ ଘଟଣା ଥିଲା। ନୋ ପ୍ଲାଇଂ ଜୋନରେ ବୈଜୟନ୍ତ ପଣ୍ଡାଙ୍କ ଚପର ଉଡାଇବାକୁ ନେଇ ବିଧାନସଭାରେ ହୋ ହାଲ୍ଲା ହୋଇଥିଲା। ପରେ ବିଜେଡି ସଦସ୍ୟମାନେ ବିଧାନସଭା ପରିସରରେ ଥିବା ଗାନ୍ଧିମୂର୍ତି ତଳେ ଧାରଣା ଦେଇଥିଲେ। ଦ୍ୱିତୀୟାର୍ଦ୍ଧ ବୈଠକରେ ବିରୋଧୀ ଦଳର ଅନୁପସ୍ଥିତିରେ ବିଲ୍ ଆଲୋଚନା ହୋଇ ୩ ଟି ବିଲ୍ ପାରିତ ହୋଇଥିଲା। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗୃହର ବୈଠକ ମଙ୍ଗଳବାର ପୂର୍ବାହ୍ନ ୧୦ଟ ୩୦ରେ ଆରମ୍ଭ ହେବା ମାନେ ବିରୋଧୀ ଦଳର ସଦସ୍ୟମାନେ ଗୃହର ମଧ୍ୟଭାଗକୁ ପଳାଇଆସି ସମବାୟ ବିଭାଗରେ ହୋଇଥିବା ୮୦୦ କୋଟି ଟଙ୍କାର ଦୁର୍ନୀତି , ଓମଫେଡ୍ ଦୁର୍ନୀତି ର ସିବିଆଇ ତଦନ୍ତ ଦାବି କରି ବିରୋଧୀ ଦଳ ସଦସ୍ୟମାନେ ହୋହାଲ୍ଲା କରିବା ସହ ସରକାର ବିରୋଧୀ ନାରାବାଜୀ କରିଥିଲେ। ହଟ୍ଟଗୋଳ ସମୟରେ ବିରୋଧୀ ଦଳ ସଦସ୍ୟମାନେ ପୋଡିୟମ୍ କୁ ବାଡେଇବା , ବିଜେପି ସଭ୍ୟମାନେ କଳା ଜ୍ୟାକେଟ୍ ପିନ୍ଧି ପ୍ରତିବାଦ କରିବାର ଦେଖାଯାଇଥିଲା। ଏହାପରେ ଶୂନ୍ୟକାଳ ଆରମ୍ଭ ହୋଇଥିଲା। ଚିଲିକା ଉପରେ ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା ହେଲିକ୍ୟାପ୍ଟର ଉଡାଣ କରିବା ସହ ନଙ୍ଗାନାସି ମୁହାଣ ନିକଟରେ ହେଲିକ୍ୟାପ୍ଟର ଅବତରଣ କରିବା, କୋଣାର୍କ ମନ୍ଦିର ଉପରେ ସାମ୍ବାଦିକ ଅଭିଜିତ୍ ଆୟାର ଅରୁଚିକର ମନ୍ତବ୍ୟ ଦେଇ ଓଡିଶାର ସ୍ୱାଭିମାନ ଉପରେ ଆଂଚ ଆଣିବା ଏବଂ ହାଇକୋର୍ଟ ସମେତ ତଳ କୋର୍ଟ ମାନଙ୍କରେ ବିଚାର ବ୍ୟବସ୍ଥା ଠପ୍ ହୋଇଯିବା ଏବଂ ସାଧାରଣ ଲୋକ ନ୍ୟାୟ ପାଇବାରୁ ବଂଚିବ ପାଇବା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ବିରୋଧୀ ଦଳର ସଭ୍ୟମାନେ ଉଦବେଗ ପ୍ରକାଶ କରିଥିଲେ। ନ୍ୟାୟାଳୟର ଅଚଳାବସ୍ଥା ପାଇଁ କିପରି ଅତିଶୀଘ୍ର ଦୂର ହୋଇପାରିବ ସେଥିପାଇଁ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାପାଇଁ ସେମାନେ ଦାବି କରିଥିଲେ। ସାମ୍ବାଦିକ ଆୟାର ଦେଇଥିବା ଅରୁଚିକର ମନ୍ତବ୍ୟ ପାଇଁ ତାଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିରୋଧୀ ଦଳ ନେତା ଶ୍ରୀ ନରସିଂହ ମିଶ୍ର ଦାବି କରିଥିଲେ। କଂଗ୍ରେସ ସଭ୍ୟମାନେ ଏହାକୁ ସମର୍ଥନ ଦେଇଥିଲେ। ସେହିପରି ଚିଲିକା ଉପରେ ହେଲିକ୍ୟାପ୍ଟର ଉଡାଣ ଏବଂ ଅବତରଣ ନେଇ ସାଂସଦ ଶ୍ରୀ ପଣ୍ଡାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ଅପରପକ୍ଷରେ କେନ୍ଦ୍ର ସରକାର ମହାତ୍ମା ଗାନ୍ଧିଙ୍କର ୧୫୦ ଜୟନ୍ତୀ ପୂର୍ତି ପାଳନ କରିବାକୁ ଯାଉଛନ୍ତି। ଆମ ରାଜ୍ୟରେ ଚଳିତ ବର୍ଷ କିପରି ପାଳନ କରାଯିବ ସେଥିନେଇ ବଜେଟ୍ ରେ ଅର୍ଥର ବ୍ୟବସ୍ଥା ହେଉଛି କି ନାହିଁ ବିରୋଧୀ ଦଳ ସଦସ୍ୟମାନେ ପ୍ରଶ୍ନ କରିଥିଲେ । ସେହିପରି ଏହାକୁ ପାଳନ କରିବା ପାଇଁ କିକି ବ୍ୟବସ୍ଥା ଗ୍ରହଣ (ପୃଷ୍ଠା-୭)

# ୨୦ ଓ ୨୧ ପ୍ରବଳ ବର୍ଷା

ଭୁବନେଶ୍ୱର, ୧୮।୯ (ସକାଳ ଖବର): ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ କ୍ଷେତ୍ର ସକ୍ରିୟ ହେଉଛି । ଏହାର ପ୍ରଭାବରେ ଆସନ୍ତା ୨୦ ଓ ୨୧ ତାରିଖରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଏଥିପାଇଁ ସତର୍କ ସୂଚନା ଜାରି କରିଛି ଭୁବନେଶ୍ୱର ପାଣିପାଗ କେନ୍ଦ୍ର । ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି ଏସ୍ଆରସି । ଆସନ୍ତା ୨୦ ତାରିଖରେ ଗଞ୍ଜାମ, ଗଜପତି, ପୁରୀ, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି ଓ କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ହେବ । ସେହିପରି ୨୧ ତାରିଖରେ ନୂଆପଡ଼ା, ନବରଙ୍ଗପୁର ଓ କଳାହାଣ୍ଡିରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସମୟରେ ଘଡ଼ଘଡ଼ି ମାରିବା ସହିତ ପ୍ରବଳ ବେଗରେ ପବନ ବହିବ । ଏଥିପାଇଁ ସତର୍କ ରହିବାକୁ ଜିଲ୍ଲାପାଳମାନଙ୍କୁ ସ୍ୱଷ୍ଟ ଚିଠି ଲେଖି ପରାମର୍ଶ ଦେଇଛନ୍ତି । ଏହି ସମୟରେ ସମୁଦ୍ର ଅଶାନ୍ତ ରହିବାର ଆଶଙ୍କା ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନଯିବାକୁ ପରାମର୍ଶ ଦିଆଯାଇଛି ।



ଏସିଆ କପ୍: ହଂକଂ ବିପକ୍ଷ ମ୍ୟାଚ୍‌ରେ ଶିଖର ଧାଓ୍ୱନ୍‌ଙ୍କ ଶତକୀୟ(୧୨୭) ଇନିଂସ ।

## ଝାରସୁଗୁଡ଼ା ବିମାନ ବନ୍ଦର ନାମ ବଦଳାଇବାକୁ ସଂକଳ୍ପ ପାରିତ

ଭୁବନେଶ୍ୱର,୧୮।୯ (ସକାଳ ଖବର): ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ନବ ନିର୍ମିତ ଝାରସୁଗୁଡା ବିମାନବନ୍ଦର ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରିବାପାଇଁ କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ



ମନ୍ତ୍ରଣାଳୟକୁ ପ୍ରସ୍ତାବ ଦେବା ପଇଁ ସଂକଳ୍ପ ଆଣିଥିଲେ ।ଏହାପରେ ଉଭୟ ଶାସକ ଓ ବିରୋଧୀ ଦଳ ସଭ୍ୟମାନେ ମତ ରହିବା ସହ ସଂକଳ୍ପକୁ ସମର୍ଥନ କରିଥିଲେ। ଆଲୋଚନା ପରେ ଗୃହରେ ସର୍ବ ସମ୍ମତି ଏହା ପାରିତ ହୋଇଥିଲା। ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ଶ୍ରୀ ନରସିଂହ ମିଶ୍ର ବଲାଙ୍ଗୀର ମେଡିକାଲ କଲେଜ ଓ ହସ୍ପିଟାଲକୁ ଭୀମ ଭୋଇଙ୍କ ନାମରେ ନାମିତ (ପୃଷ୍ଠା-୭)

# ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ନେଇ ବ୍ୟାପକ ପ୍ରସ୍ତୁତି

### ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ ପ୍ରସ୍ତୁତି ପୂର୍ଣ୍ଣାଙ୍ଗ କରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର,୧୮।୯ (ସକାଳ ଖବର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦୀଙ୍କର ଆଗାମୀ ଓଡ଼ିଶା ଗସ୍ତ ପାଇଁ ବ୍ୟାପକ ପ୍ରାଶାସନିକ ପ୍ରସ୍ତୁତିକୁ ଚୂଡାନ୍ତ ରୂପ ଦିଆଯାଉଛି । ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ଶ୍ରୀ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ଏକ ରାଜ୍ୟସ୍ତରୀୟ ସମନ୍ୱୟ ବୈଠକ ସଚିବାଳୟ ସଭା ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା । ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଅସିତ୍ କୁମାର ତ୍ରିପାଠୀ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ ଗସ୍ତ ସମ୍ବନ୍ଧୀୟ ସଦ୍ୟତଥ୍ୟ ଉପସ୍ଥାପନ କରିଥିଲେ। ବିଭିନ୍ନ ବିଭାଗମାନଙ୍କ ଦ୍ୱାରା କରାଯାଇଥିବା ପ୍ରାକ୍ ପ୍ରସ୍ତୁତିକୁ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ସମୀକ୍ଷା କରିବା ସହ ପ୍ରୋଟକଲ ଓ ନିରାପତାକୁ ପୂର୍ଣ୍ଣ ଭାବେ ଅନୁପାଳନ କରିବା ସହ ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ ପ୍ରସ୍ତୁତି ଶତ ପ୍ରତିଶତ ପୂର୍ଣ୍ଣାଙ୍ଗ କରିବା ନିମନ୍ତେ ସଂପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକ ପରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତରଦେଇ ଶ୍ରୀ ପାଢ଼ୀ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କର ଗସ୍ତ ଆସନ୍ତା ଚଳିତ ମାସ ୨୨ ତାରିଖକୁ ନିର୍ଦ୍ଧାରିତ ହୋଇଛି। ପ୍ରାଧାନମନ୍ତ୍ରୀଙ୍କ ଗସ୍ତ, ସାଧାରଣ ସଭା ଏବଂ ଯାତାୟତ ଯେପରି ସୁରୁଖୁରୁରେ ସମ୍ପାଦିତ ହେବ ସେଥିନିମନ୍ତେ ଆଜି ବୈଠକରେ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଇଛି । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ କରାଯିବ । ପ୍ରାପ୍ତ ସୂଚନାରୁ ଜଣାପଡିଛି,ପ୍ରଧାନମନ୍ତ୍ରୀ ଚଳିତ ସେପ୍ଟେମ୍ବର ମାସ ୨୨ ତାରିଖ ପୂର୍ବାହ୍ନ ୯ ବେଳେ ଭୁବନେଶ୍ୱର ବିଜୁପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦରରେ ପହଂଚି ସେଠାରୁ ହେଲିକପ୍ଟରରେ ତାଳଚେର ଅଭିମୁଖେ ଯାତ୍ରାକରିବେ । ସେଠାରେ ତାଳଚେର ଫର୍ଟିଲାଇଜର ପ୍ଲାଂଟ୍‌ର ଶିଳାନ୍ୟାସ କରି ପୂର୍ବାହ୍ନ ପ୍ରାୟ ୧୦.୩୦ ମିନିଟ୍ ସମୟରେ ବକ୍ସି ଜଗବନ୍ଧୁ ଷ୍ଟାଡିଅମ୍‌ଠାରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ । ସାଧାରଣ ସଭା ପରେ ପରେ ପ୍ରଧାନମନ୍ତ୍ରୀ ହେଲିକପ୍ଟର ଯୋଗେ ଝାରସୁଗୁଡା ଅଭିମୁଖେ ଯାତ୍ରା କରିବେ। ଅପରାହ୍ନ ୧୨.୩୫ ରେ ଝାରସୁଗୁଡାଠାରେ ପହଂଚି ଝାରସୁଗୁଡା ବିମାନବନ୍ଦର, ଏନ୍.ଟି.ପି.ସି ଖଣି, ଏମ୍.ସି.ଏଲ୍ ଖଣି ଏବଂ ରେଳ ଲାଇନ୍ କୁ ଜାତି ଉଦ୍ଦେଶ୍ୟରେ ସମର୍ପଣ କରିବେ । ପରେ ପରେ ପ୍ରଧାନମନ୍ତ୍ରୀ ଝାରସୁଗୁଡାର ଅମ୍ଳିପାଲିଠାରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ । ସେହି ଦିନ ଅପରାହ୍ନ ୨.୨୦ ମିନିଟ୍‌ରେ ପ୍ରଧାନମନ୍ତ୍ରୀ ଝାରସୁଗୁଡାରୁ ହେଲିକପ୍ଟର ଯୋଗେ ଛତିଶଗଡ ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି । ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଅସୀତ କୁମାର ତ୍ରୀପାଠୀ, ଆରକ୍ଷୀ ମହାନିର୍ଦ୍ଦେଶକ (ଡ଼ି.ଜି) ଡ଼ଃ ରାଜେନ୍ଦ୍ର ପ୍ରସାଦ ଶର୍ମା, ଶକ୍ତି ଓ ସୂଚନା ଓ ଲୋକ ସଂପର୍କ ବିଭାଗ ଶାସନ ସଚିବ ଶ୍ରୀ ହେମନ୍ତ କୁମାର ଶର୍ମା, ପୂର୍ତ୍ତ ବିଭାଗ ଶାସନ ସଚିବ ଶ୍ରୀ ନଳିନୀକାନ୍ତ ପ୍ରଧାନଙ୍କ ସମେତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅନୁଗୁଳ ଝାରସୁଗୁଡା ଜିଲ୍ଲାର ଜିଲ୍ଲାପାଳ ଏବଂ ଏସ୍.ପି.ମାନେ ମଧ ଭିଡିଓ କନ୍ ଫେରେନ୍‌ସିଂ ମାଧ୍ୟମରେ ପ୍ରସ୍ତୁତ ବୈଠକର ଆଲୋଚନାରେ ଯୋଗ ଦେଇଥିଲେ ।

## ୧୦ ଯାଏଁ ଘୁଞ୍ଚିଲା ରାଫେଲ୍ ଡିଲ୍‌ର ଶୁଣାଣି

ନୂଆଦିଲ୍ଲୀ, ୧୮।୯ : ଭାରତ ଓ ଫ୍ରାନ୍ସ ମଧ୍ୟରେ ହୋଇଥିବା ରାଫେଲ୍ ଯୁଦ୍ଧ ବିମାନ୍ କିଣା ଡିଲ୍ ଉପରେ ରୋକ୍ ଲଗାଇବା ପାଇଁ ହୋଇଥିବା ଆବେଦନର ଶୁଣାଣିକୁ ସୁପ୍ରିମକୋର୍ଟ ଅକ୍ଟୋବର ୧୦ ଯାଏ ଘୁଞ୍ଚାଇ ଦେଇଛନ୍ତି । ଆବେଦନକାରୀ ଓକିଲ ଏମ୍ଏଲ୍ଜ ଶର୍ମା ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇ, ଜଷ୍ଟିସ୍ ନବୀନ ସିହ୍ନା ଓ ଜଷ୍ଟିସ୍ କେଏମ୍ ଯୋଜେଫ୍‌ଙ୍କ ଖଣ୍ଡପୀଠ ଆଗରେ ନିଜର ପକ୍ଷ ରଖିଥିଲେ । ସେ କହିଥିଲେ, ଡିଲ୍ ସଂକ୍ରାନ୍ତରେ ଆଉ କିଛି ତଥ୍ୟ ଦେବାର ଅଛି, ତେଣୁ ଏହାର ଶୁଣାଣିକୁ ଘୁଞ୍ଚାଯିବା ଦରକାର । ଏହ ଶୁଣିବା ପରେ ଖଣ୍ଡପୀଠ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ । ଖଣ୍ଡପୀଠ କହିଥିଲେ, ଆପଣ ପୂର୍ବରୁ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଇ ମାମଲାର (ପୃଷ୍ଠା-୭)



କାହାପ୍ରତି ଈର୍ଷା, ଦ୍ୱେଷ ଏବଂ ପ୍ରତିଶୋଧ ଭାବ ରଖନ୍ତୁ ନାହିଁ । ଭଗବାନ ସ୍ୱୟଂ ତୁମକୁ ରକ୍ଷା କରିବେ ।



ହୁଣ୍ଡିର ଆୟ (୨୫.୮.୧୮)
୨,୪୨,୪୧୪

## ତ୍ରିକୋଣୀୟ ପ୍ରେମରୁ ବିଷ୍ଣୁପ୍ରସାଦ ଗୌଡ଼ଙ୍କୁ ହତ୍ୟା

ଗଞ୍ଜାମ, ୧୮।୯ (ସକାଳ ଖବର): ବ୍ରହ୍ମପୁର ସହର ଗାୟତ୍ରୀ କ୍ଲିନିକରେ ତ୍ରିକୋଣୀୟ ପ୍ରେମକୁ ନେଇ ବିଷ୍ଣୁ ପ୍ରସାଦ ଗୌଡ଼ଙ୍କୁ ହତ୍ୟା କରାଯାଇଥିବା ଘଟଣା ଡାକ୍ତର ହୃଷିକେଶ ତ୍ରିପାଠୀଙ୍କୁ ଗିରଫ କରିବା ପରେ ସ୍ପଷ୍ଟ ହୋଇଛି। ବିଷ୍ଣୁପ୍ରସାଦଙ୍କ ଗାୟତ୍ରୀ କ୍ଲିନିକ୍‌ର ନର୍ସ ମମତାଙ୍କ ସହ ପ୍ରେମ କାରବାର ରହିଥିଲା। ତା’ ମଧ୍ୟରେ ମମତାଙ୍କ ସହ ଡାକ୍ତର ହୃଷିକେଶ ତ୍ରିପାଠୀଙ୍କ ପ୍ରେମ ସମ୍ପର୍କ ଆରମ୍ଭ ହୋଇଯାଇଥିଲା। ଏଥିରୁ ହଟିଯିବାକୁ ବିଷ୍ଣୁଙ୍କୁ ଡାକ୍ତର ତ୍ରିପାଠୀ କହିଥିଲେ ମଧ ସେ ଏହାକୁ ଭୃକ୍ଷେପ ନକରିବାରୁ ତାଙ୍କୁ ରାସ୍ତାରୁ ହଟେଇଦେବା ପାଇଁ ଡାକ୍ତର ଏହି ଧରଣର ଦୃଢ଼ ପଦକ୍ଷେପ ନେଇଥିବା ସେ କହିଛନ୍ତି। ଡାକ୍ତରଙ୍କୁ ଜେଲ୍ ପଠାଯାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ନର୍ସ ବିବାହିତ ଦୁଇ ପୁରୁଷ ବିଷ୍ଣୁ ପ୍ରସାଦ ଗୌଡ଼ ଏବଂ ଡାକ୍ତରଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ ମଧ ନର୍ସଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ନଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।

## ଆମ ବିରୋଧରେ ସମ୍ବିଧାନ ଉଲଂଘନ କରିବାର ଗୋଟିଏ ବି ଉଦାହରଣ ନାହିଁ: ମୋହନ ଭାଗବତ



ନୂଆଦିଲ୍ଲୀ, ୧୮।୯: ଆମେ ହିନ୍ଦୁ ଧର୍ମ ଉପରେ ବିଶ୍ୱାସ କରୁ କିନ୍ତୁ ମୁସଲମାନଙ୍କୁ ବିରୋଧ କରୁ ନାହୁଁ । ଆମ ବିରୋଧରେ ସମ୍ବିଧାନ ଉଲଂଘନ କଲା ଭଳି ଗୋଟିଏ ବି ଉଦାହରଣ ନାହିଁ ବୋଲି ଆରଏସ୍ଏସ୍ ପ୍ରମୁଖ ମୋହନ ଭାଗବତ ମଙ୍ଗଳବାର କହିଛନ୍ତି । ଆଧୁନିକ ଲୋକତନ୍ତ୍ରରେ ଆମେ ସମ୍ବିଧାନକୁ ସ୍ୱୀକାର କରିଛେ । ସମ୍ବିଧାନକୁ ଆରମ ଲୋକେ ପ୍ରସ୍ତୁତ କରିଛନ୍ତି । ସମ୍ବିଧାନର ନିୟମକୁ ପାଳନ କରିବା ସମସ୍ତଙ୍କର କାମ । ସଂଘ ସବୁବେଳେ ସମ୍ବିଧାନର ନିର୍ଦ୍ଦେଶକୁ ପାଳନ କରି ଆସୁଅଛି । ସମ୍ବିଧାନର ପ୍ରତି ଶବ୍ଦ ଗୁରୁତ୍ୱପୂର୍ଣ୍ଣ । ସମ୍ବିଧାନକୁ ସମସ୍ତେ ମାନିବା ଉଚିତ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍ଏସ୍)ର ଦିଲ୍ଲୀରେ ଭବିଷ୍ୟତର ଭାରତ: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଦୃଷ୍ଟିକୋଣ’ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଭାଗବତ ନିଜସ୍ୱ (ପୃଷ୍ଠା-୭)

## ମାଛ ଓ ଶୁଖୁଆରେ ମିଶୁନି ଫର୍ମାଲିନ୍ : ମନ୍ତ୍ରୀ



ଭୁବନେଶ୍ୱର, ୧୮।୯ (ସକାଳ ଖବର): ଅଧିକ ଦିନ ମାଛ , ଶୁଖୁଆ ଓ ମଂଜି ଆଦିରେ ଶବ ସଂରକ୍ଷଣ ଲାଗି ବ୍ୟବହୃତ ଫର୍ମାଲିନ୍ ନାମକ ଏକ ରାସାୟନିକ ପଦାର୍ଥର ବ୍ୟବହାର କରାଯାଉଥିବା ଘଟଣା ସରକାରଙ୍କ ଦୃଷ୍ଟିକୁ ଆସି ନାହିଁ ବୋଲି ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ପ୍ରଦୀପ ମହାରଥୀ ପ୍ରକାଶ କରିଛନ୍ତି । ସଭ୍ୟ ଦିଲ୍ଲୀପ ରାୟଙ୍କ ପ୍ରଶ୍ନର ଉତରରେ ମନ୍ତ୍ରୀ କହିଛନ୍ତି ଯେ ଆନ୍ଧ୍ରପ୍ରଦେଶରୁ ଆସୁଥିବା ମାଛ ମାନଙ୍କରେ ଫର୍ମାଲିନ୍ ଅପମିଶ୍ରଣ ଖବର ଗଣମାଧ୍ୟମ ଦ୍ୱାରା ପ୍ରଚାର ହେବା ପରେ ମତ୍ସ୍ୟ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇ ରାଜ୍ୟର ପ୍ରମୁଖ ମାଛ ଗୋଦାମ ଓ ବଜାରରୁ ନମୂନା ସଂଗ୍ରହ କରାଯାଇ ବାରାକ୍‌ପୁର ସ୍ଥିତ ସିଆଇଏଫଅରଆଇ ଦ୍ୱାରା ପ୍ରସ୍ତୁତ ଫର୍ମାଲିନ୍ କିଟ୍ ଦ୍ୱାରା ତତ୍କାଳ ପରୀକ୍ଷା କରାଯାଇଥିଲା। ଏହି ନମୂନା ଗୁଡିକ ମଧ୍ୟରୁ ଗୋଟିଏ ସାମୁଦ୍ରିକ ମାଛରେ ଫର୍ମାଲିନ୍ ଥିବାର ସଂକେତ ମିଳିଥିଲା। ପରବର୍ତୀ ସମୟରେ ମତ୍ସ୍ୟ ବିଭାଗ ଓ ଖାଦ୍ୟ ନିରାପତା ଅଧିକାରୀଙ୍କ ସହଯୋଗରେ ମାଛ ନମୂନା ସଂଗ୍ରହ କରାଯାଇ ରାଜ୍ୟ ସ୍ତରୀୟଖାଦ୍ୟ ନିରାପତା କମିଶନରଙ୍କ ପରୀକ୍ଷାଗାରରେ ପରୀକ୍ଷା କରାଯାଇଥିଲା। କୌଣସି ମାଛ ନମୂନାରେ ଫର୍ମାଲିନ୍ ମିଶ୍ରଣର ପ୍ରମାଣ ମିଳିନାହିଁ। ଏହି ସମସ୍ୟାର ସ୍ଥାୟୀ ନିରାକରଣ ପାଇଁ ସରକାର ଉଭୟ ମତ୍ସ୍ୟ ବିଭାଗ ଓ ଖାଦ୍ୟ ନିରାପତା ଅଧିକାରୀଙ୍କ ମିଳିତ ସହଯୋଗରେ ନିୟମିତ ବ୍ୟବଧାନରେ ବିଭିନ୍ନ ମାଛ ବଜାରରୁ ନମୂନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଉଛି ।

## ୨୦ରେ ପୁରୀ ଆସିବେ ଆମିକସ୍ କ୍ୟୁରି

### ଶ୍ରୀମନ୍ଦିର ପ୍ରଶାସନର ପ୍ରସ୍ତୁତି ବୈଠକ

ପୁରୀ, ୧୮।୯ (ସକାଳ ଖବର): ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଆଣିବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ କ୍ୟୁରି ଆସନ୍ତା ୨୦ ରେ ପୁରୀ ଆସିବାର କାର୍ଯ୍ୟକ୍ରମ ରହିଛି । ସୁପ୍ରିମକୋର୍ଟଙ୍କ ୧୨ ଟି ପ୍ରସ୍ତାବ ଉପରେ ଆମିକସ କ୍ୟୁରି କମିଟି ଶଙ୍କରାଚାର୍ଯ୍ୟ, ଗଜପତି, ଜିଲ୍ଲା ଜଜ୍, ଶ୍ରୀମନ୍ଦିର ପ୍ରଶାସନ ଓ ଛତିଶା ନିଯୋଗ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏହି ଆଲୋଚନା କାଳରେ ସେବାୟତଙ୍କୁ ଭକ୍ତଙ୍କ ଦାନ ଦକ୍ଷିଣା ଓ ସେବାୟତଙ୍କ ବଂଶାନୁକ୍ରମିକ ସେବା ମୁଖ୍ୟ ପ୍ରସଙ୍ଗ ହେବ ବୋଲି ପୂର୍ବରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ କୁମାର ମହାପାତ୍ର ବିଭିନ୍ନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ତେବେ ଆମିକସ କ୍ୟୁରିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଆଜି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ସବ୍ କମିଟି ବୈଠକ ଗଜପତି ମହାରାଜା ଦିବ୍ୟସିଂହଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟତଃ ସେବକଙ୍କ ପାରମ୍ପରିକ ସେବାପୂଜା ଅଧିକାର, ବଂଶଗତ ଅଧିକାର ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିସହ ସୁପ୍ରିମକୋର୍ଟଙ୍କ ୧୨ଟି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା । ୯ଟି ପ୍ରସ୍ତାବ ସମ୍ପର୍କରେ ପୂର୍ବରୁ ଆଲୋଚନା ଶେଷ ହୋଇଥିବା ବେଳେ ତିନୋଟି ପ୍ରସ୍ତାବ ଉପରେ ୩ଟି ସବକମିଟି ଗଠିତ ହୋଇଥିଲା । ତଦନୁଯାୟୀ ଆଜି ଏକ ସବକମିଟିର ବୈଠକ ଶେଷ ହୋଇଛି ଓ ନିଷ୍ପତିକୁ ଗୁପ୍ତ ରଖାଯାଇଛି । ଆସନ୍ତା ୨୦, ୨୧, ୨୨ ତିନି ଦିନ ଧରି ଆମିକସ କ୍ୟୁରି କମିଟି ପୁରୀ ଗସ୍ତରେ ଆସିବା ପାଇଁ ଚିଠି ହସ୍ତଗତ ହୋଇଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି । ଆମିକସ କ୍ୟୁରି ଛତିଶାନିଯୋଗ, ଗଜପତି, ଶଙ୍କରାଚାର୍ଯ୍ୟ, ବୁଦ୍ଧିଜିବୀ, ଆଇନଜିବୀଙ୍କ ସହ ଭକ୍ତମାନଙ୍କର ପ୍ରସ୍ତାବ ସବୁ ଲିଖିତ ଆକାରରେ ଗ୍ରହଣ କରି ମତାମତ ଶୁଣିବେ । ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକ, ସଂସ୍କାର କମିଟିର ବି.ପି. ଦାସ, ଜିଲ୍ଲା ଜଜ୍, ଛତିଶାନିଯୋଗ, ପରିଚାଳନା କମିଟି, ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଠାରୁ ମତାମତ ଗ୍ରହଣ କରିବେ । ବିଶେଷ କରି ପାରମ୍ପରିକ ଅଧିକାର ସମ୍ପର୍କରେ, ସେବକ ସଂଖ୍ୟା କମାଇବା ସମ୍ପର୍କରେ ମତାମତ ଗ୍ରହଣ କରି ସୁପ୍ରିମକୋର୍ଟଙ୍କୁ ଜଣାଇବେ । ପରବର୍ତୀ ସମୟରେ ସର୍ବୋଚ୍ଚ ନ୍ୟାୟାଳୟ ଯାହା ଅଦେଶ ଦେବେ ତାହାକୁ ପାଳନ କରାଯିବ । ଏହି ପରିପ୍ରେକ୍ଷୀରେ ଦଇତାପତି ନିଯୋଗ ପକ୍ଷରୁ ୫୪ ପୃଷ୍ଠା ସମ୍ବଳିତ ପତ୍ର ପ୍ରଦାନ କରାଯିବ ବୋଲି ଜଣାପଡିଛି ।



Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick